## ସଂକ୍ଷେପରେ

### ଗଣବଳାତ୍କାର ଅଭିଯୁକ୍ତଙ୍କୁ ଦଣ୍ଡ ପ୍ରଦାନ ଦାବି

**କଣିହାଁ,୨୨।୧୦,(ଡି.ଏନ.ଏ)-** ଗାଜିଆବାଦ ଗଣ ବଳାତ୍କାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ଏବଂ ମହିଳା ଓ ଶିଶୁ କନ୍ୟାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଏନ୍‌ଟିପିସି ବାଇପାସ ଛକଠାରେ ଏଆଇଏମ୍‌ଏସ୍‌ଏସ୍, ଏଆଇଡିଏସଓ, ଏଆଇଡିୱାଇଓ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଆଇଏମ୍‌ଏସ୍‌ଏସ୍ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏଆଇଡିୱାଇଓ ଜିଲା ସଭାପତି ପରମାନନ୍ଦ ସାହୁ, ଏଆଇଡିୱାଇଓ ଜିଲା ସଙ୍ଗଠକ କିଶୋର ବିଶ୍ୱାଳ, ଏଆଇଏମ୍‌ଏସ୍‌ଏସ୍‌ର ସଙ୍ଗଠିକା ମିନତୀ ସାମଲ, ଜେମାମଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଭସାଣିରେ ହିଂସାକାଣ୍ଡ ମାମଲା: ୧୩ ଅଭିଯୁକ୍ତଙ୍କୁ ଜାମିନ

**ଢେଙ୍କାନାଳ ଅଫିସ, ୨୨।୧୦:** ବେଆଇନ ପାର୍କିଂ, ଚାନ୍ଦା ଆଦାୟ ଘଟଣାକୁ କେନ୍ଦ୍ରକରି ଲକ୍ଷ୍ମୀପୂଜା ଭସାଣିରେ କୈବଲ୍ୟ ବଜାର ଏବଂ ଜୁବିଲି ଟାଉନ-୨ ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ସୃଷ୍ଟି ହୋଇ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଉଭୟ ଗୋଷ୍ଠୀର ୧୩ ଜଣଙ୍କୁ ଶନିବାର ଜାମିନ ମିଳିଛି। ଏହାପରେ ଅପରାହ୍ନରେ ସମସ୍ତେ ଜେଲରୁ ମୁକୁଳିଛନ୍ତି। ସେମାନଙ୍କ ମଧ୍ୟରେ ଜୁବିଲି ଟାଉନ-୨ ଅଞ୍ଚଳର ୧୧ ଏବଂ କୈବଲ୍ୟ ବଜାରର ୨ଜଣ ରହିଛନ୍ତି। ପୋଲିସ ଉପରେ ହୋଇଥିବା ଆକ୍ରମଣ ମାମଲାରେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

### ଅବକାରୀ ଚଢ଼ାଉ, ୪ ଗିରଫ



**ବଇଣ୍ଡା, ୨୨।୧୦(ଡି.ଏନ୍.ଏ.)** ବଇଣ୍ଡା ଅବକାରୀ ବିଭାଗ ଶନିବାର ହଣ୍ଡପା ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୧୩୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ କଦଳୀମୁଣ୍ଡା ଗ୍ରାମର ଚୌଧୁରୀ ବେହେରା, ଜାମୁନାଳୀ ଗ୍ରାମର ମହର୍ଗୀ କାନ୍ଧିଆ, ଗୁଣ୍ଡୁରିମୁଣ୍ଡା ଗ୍ରାମର ସୁଷମା ବେହେରା, ବଣିନାଳି ଗ୍ରାମର ଅକ୍ରୁର ବେହେରା ଗିରଫ ହୋଇଛନ୍ତି। ଅଞ୍ଚଳରେ ଚୋରା ମଦ କାରବାର ହେଉଥିବା ସୂଚନା ପାଇ ଅବକାରୀ ଅଧିକାରୀ ବଲବୀର ଗଡନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

### ୧୬ ଟନ୍ ଚୋରା କୋଇଲା ଜବତ

**ପଦ୍ମପୁର, ୨୨।୧୦(ଡି.ଏନ.ଏ.)** ଭଦ୍ରକ ଜିଲା ପୋଲିସ ପୃଥକ୍ ସ୍ଥାନରୁ ୧୬ ଟନ୍‌ରୁ ଉର୍ଦ୍ଧ୍ୱ ଚୋରା କୋଇଲା ଜବତ କରିଛି। ଜଗଦଳପୁର ଭୀମସାହିଠାରୁ ଜବତ କୋଇଲା ଟ୍ରକ୍‌ରୁ ୮ ଟନ୍‌ରୁ ଉର୍ଦ୍ଧ୍ୱ ଏବଂ ଏରଡ଼ା ପଞ୍ଚାୟତର ବାସୁଆପଦାଠାରେ ୮ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ସହ ଏକ ଟ୍ରକ୍ ଜବତ ହୋଇଛି। ଉଭୟ ଘଟଣାରେ ପୃଥକ୍ ମାମଲା ରୁଜୁ କରାଯାଇଛି।

# କ୍ଲଷ୍ଟରସ୍ତରୀୟ ସୁରଭି: ପ୍ରତିଭା ପ୍ରଦର୍ଶନ କଲେ ପିଲାଏ



ପରଜଙ୍ଗ ବ୍ଲକରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।



କାମାକ୍ଷାନଗରରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନ/କାମାକ୍ଷାନଗର/ପରଜଙ୍ଗ, ୨୨।୧୦(ଡି.ଏନ୍.ଏ.)**

ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଲାଗି ଶୁକ୍ରବାର ଢେଙ୍କାନାଳ ଜିଲାର ବିଭିନ୍ନ ବ୍ଲକରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକର ୧୭ କ୍ଲଷ୍ଟରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶାସନ ୟୁପି ସ୍କୁଲରେ ଏନ୍‌ଏସିର ୭ ସ୍କୁଲକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀମାନେ ୨୬ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା କରଙ୍କ ଅଧ୍ୟକ୍ଷତାରେ ବ୍ଲକ ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ ଏହାକୁ ଉଦ୍‌ଘାଟନ କରିଥିବାବେଳେ ସିଆରସିସି ଶତ୍ରୁଘ୍ନ ପାତ୍ର ସହଯୋଗ କରିଥିଲେ।

ସେହିପରି ଗତରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବିଷ୍ଣୁସେନ ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ରଞ୍ଜିତା ନାଏକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ସହକାରୀ ଶିକ୍ଷକ ରତିକାନ୍ତ ସେଠୀଙ୍କ ପରିଚାଳନାରେ ୧୨ ସ୍କୁଲର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ।

ପରଜଙ୍ଗ ବ୍ଲକ ଦଦରାଘାଟି ରାମେଶ୍ୱର ହାଇସ୍କୁଲରେ ସିଆର୍‌ସିସି ଗୋପବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବବିତା ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରୁନୁ ବର୍ମା, ସମ୍ମାନିତ ଅତିଥି ସରପଞ୍ଚ ସସ୍ମିତା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ବେହେରା, ଅବସରପ୍ରାପ୍ତ ଖେଳ ଶିକ୍ଷକ ଅକ୍ଷୟ ଜେନା, ପରିଚାଳନା କମିଟି ସଦସ୍ୟ ସମୀର ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକ ଯୋଗଦେଇଥିଲେ। ୧୨ଟି ସ୍କୁଲର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଶିକ୍ଷକ ରାଜେନ୍ଦ୍ର ମଲ୍ଲିକ, ନିଲୁ ତରାଇ, ରବିନାରାୟଣ ସାହୁ, ନିରଞ୍ଜନ ତ୍ରିପାଠୀ, ଚନ୍ଦ୍ରମଣି ସାହୁ, ଅନ୍ତର୍ଯ୍ୟାମୀ ସିଂ, ସନ୍ତୋଷ ସାହୁ, ଅମିୟ ବେହେରା, ଦେବାନନ୍ଦ ସିଂ, ଭାରତୀ ସାସ୍ମଲ, ପ୍ରଦୀପ ପଣ୍ଡା, ଗିରିଶ ଚନ୍ଦ୍ର ପଣ୍ଡା, ପ୍ରତିଭା ମହାରଣା, ସୁଦର୍ଶନ ଦେହୁରୀ, ସନ୍ତୋଷିନୀ ସିଂ, ଉଷାରାଣୀ ପ୍ରଧାନ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ଶିକ୍ଷକ ତରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାସକ୍ତଙ୍କ ଆକ୍ରମଣରେ ଛାତ୍ର ଗୁରୁତର

**ଅନୁଗୋଳ ଅଫିସ, ୨୨।୧୦**

ଅନୁଗୋଳ ସହରର ଶିମିଳିପଡ଼ା ଛକରେ ଶନିବାର ଜଣେ ନିଶାସକ୍ତ ବ୍ୟକ୍ତିଙ୍କ ଆକ୍ରମଣରେ ସୌଭାଗ୍ୟନଗର ଅଞ୍ଚଳର ଅଭିନବ ପଟ୍ଟନାୟକ ଆହତ ହୋଇଛନ୍ତି। ଅଭିନବ ଓ ତାଙ୍କର କେତେଜଣ ବନ୍ଧୁ ଶିମିଳିପଡ଼ା ଛକରେ ଛିଡ଼ା ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ନିଶାସକ୍ତ ଯୁବକ ପହଞ୍ଚି ଯୁକ୍ତିତର୍କ କରିଥିଲେ। ଏହାପରେ ସେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ହେଲେ କିଛି ସମୟ ପରେ ପୁଣି ପହଞ୍ଚି ଏକ କୁକୁଡ଼ା କଟା ଚାପଡ଼ରେ ଅଭିନବଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।



# ପାଉଡର ବେପାରରେ ରେଲୱେ କର୍ମଚାରୀ

- ୩.୪୩ ଗ୍ରାମ୍ ବ୍ରାଉନ ସୁଗାର ଜବତ
- ବିହାରର ଲୋକୋ ପାଇଲଟ ଗିରଫ

**ଅନୁଗୋଳ ଅଫିସ, ୨୨।୧୦**



ଅନୁଗୋଳ ଜିଲାରେ କାୟା ବିସ୍ତାର କରୁଥିବା ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା କାରବାରରେ ରେଲ୍‌ୱେ କର୍ମଚାରୀଙ୍କ ଲିଙ୍କ୍ ପଦାକୁ ଆସିଛି। କୋଲିୟାରୀ ଥାନା ଘଣ୍ଟପଡ଼ା ରେଲୱେ ଲେଭଲ୍ କ୍ରସିଂ ନିକଟରୁ ଶନିବାର ପୋଲିସ ୩.୪୩ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଛି। ଏହି ନିଷିଦ୍ଧ ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ଘଣ୍ଟପଡ଼ା ଅଞ୍ଚଳର ପ୍ରଦୀପ ସାହୁ ଏବଂ ବିହାର ରାଜ୍ୟ ଭାଗଲପୁର ଅଞ୍ଚଳର ରେଲ୍‌ୱେ ବିଭାଗରେ କାର୍ଯ୍ୟରତ କର୍ମଚାରୀ ରାଜକମଲ ରଞ୍ଜନଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ସ୍ୱରୂପ ପତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୪୦/୨୨ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ରଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏସ୍‌ଆଇ ପତ୍ରୀ ପାଟ୍ରୋଲିଂ କରୁଥିବା ସମୟରେ ରେଲୱେ ଲେଭଲ କ୍ରସିଂ ନିକଟରେ ବ୍ରାଉନସୁଗାର କିଣାବିକା ହେଉଥିବା ସୂଚନା ପାଇଥିଲେ। ଏହାପରେ ସଦଳବଳ ଚଢ଼ାଉ କରିଥିଲେ। ଏହି ସମୟରେ ରେଳ ବିଭାଗରେ ଲୋକୋ ପାଇଲଟ୍ ଭାବେ କାର୍ଯ୍ୟ କରୁଥିବା ରାଜ୍‌କମଲ ଓ ପ୍ରଦୀପ ଧରାପଡ଼ିଥିଲେ। ରାଜ୍‌କମଲ ବାହାର ରାଜ୍ୟରୁ ବ୍ରାଉନସୁଗାର ଆଣି ପ୍ରଦୀପଙ୍କ ମାଧ୍ୟମରେ ବିକ୍ରି କରୁଥିଲେ। ମାଜିଷ୍ଟ୍ରେଟ୍ ଭାବେ ତାଳଚେର ତହସିଲଦାର ଦାଶରଥୀ ଜେନାଙ୍କ ଉପସ୍ଥିତିରେ ବ୍ରାଉନ୍‌ସୁଗାର ଓଜନ କରାଯାଇଥିଲା। ଏସ୍‌ଆଇ ପି.କେ. ସେଠୀଙ୍କ ନେତୃତ୍ୱରେ ଅଧିକ ତନାଘନା ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଅନ୍ତର୍ନିହିତ ପ୍ରତିଭାର ବିକାଶ କରେ ସୁରଭି

**ତାଳଚେର,୨୨।୧୦(ନି.ପ୍ର)**

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମଣ ବେହେରା, ମୁଖ୍ୟବକ୍ତା ଭାବେ ମା' ହିଙ୍ଗୁଳା ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନ ନାଏକ, ଯୋରାଗାଡ଼ିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଶୀଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୋମଳମତି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ସୁରଭି ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ହାଇସ୍କୁଲ ପଦ୍ମାବତୀପୁର, ଏକଡ଼ାଳ ଗ୍ରାମସ୍ଥିତ ଚକାଡ଼ୋଳା ହାଇସ୍କୁଲ, ଯୋରାଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ, ବାଲେଶ୍ୱର ପ୍ରାଥମିକ ବିଦ୍ୟାଳୟ, ଲକେଇପଶି ପ୍ରାଥମିକ ବିଦ୍ୟାଳୟ, ରାକସବାହାଳ, କଳାପାଟ ଆଦି ୧୦ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ନିରୋଜ ଦାସ ମହାପାତ୍ର, ଜିତେନ୍ଦ୍ର ବାରିକ, ସୁରଥ ପ୍ରଧାନ, ସଞ୍ଜୟ ପ୍ରଧାନ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅରୁଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଘନଶ୍ୟାମ ସାହୁ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀଧର ବେହେରା, କନକ କିଷାନ, ତପନ ପ୍ରଧାନ, ସୋମନାଥ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପରିବାରରେ ବୟସ୍କଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ



କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ,୨୨।୧୦**

ଗଁଦିଆ ବ୍ଲକ ମହିମାଗାଦି ଯୋରନ୍ଦା ଶିଶୁମନ୍ଦିରରେ ଶନିବାର ଜେଜେବାପା, ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ବାପା, ଜେଜେ ମା' ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା ଯୋଗଦେଇ ପରିବାରର ବୟସ୍କଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଗୁରୁମା ଉଷାରାଣୀ ଦାସ ଯୋଗଦେଇ ଶିଶୁଙ୍କୁ ଶୃଙ୍ଖଳିତ କରିବା ଲାଗି ଜେଜେ ବାପା, ଜେଜେ ମା'ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାହୁ, ସଭାପତି ପ୍ରସନ୍ନ କୁମାର ରାଉତ, ସମ୍ପାଦକ ଉପେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଯଦୁନନ୍ଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜେଜେ ବାପା, ଜେଜେ ମା'ଙ୍କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଏମ୍‌ସିଏଲ ମହାପ୍ରବନ୍ଧକଙ୍କୁ ଦାବିପତ୍ର

**କଣିହାଁ, ୨୨।୧୦(ଡି.ଏନ.ଏ.)**



କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଭାଜପା ପକ୍ଷରୁ ଶନିବାର ଏମ୍‌ସିଏଲ୍ ମହାପ୍ରବନ୍ଧକଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଖୋଲାମୁହଁ କୋଇଲା ଖଣିରେ କ୍ଷତିଗ୍ରସ୍ତ ପରିବାରର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ଜରଡ଼ା ସ୍କୁଲ ଛକଠାରୁ ତେଲିସିଂହା ଦେଇ ପଥରମୁଣ୍ଡା ପର୍ଯ୍ୟନ୍ତ ଆଲୋକୀକରଣ, ପଞ୍ଚାୟତର ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ଏବଂ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଜରଡା-ଜମାନିଆଁ-କଂସମୁଣ୍ଡା ରାସ୍ତାର ଉନ୍ନତୀକରଣ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ୧୫ ଦିନ ମଧ୍ୟରେ ଦାବିପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ କଣିହାଁ ଏମ୍‌ସିଏଲ୍ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦିଆଯିବ ବୋଲି ପଞ୍ଚାୟତ ଭାଜପା ସଭାପତି ତୁଷାରକାନ୍ତି ବେହେରା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ତାଳଚେର ନିର୍ବାଚନମଣ୍ଡଳୀ ମିଡିଆ ସେଲ୍ ଅଧ୍ୟକ୍ଷ ସୁଶାନ୍ତ ସାମଲ, ଦୟାନିଧି ସାମଲ, ରମେଶ ସାମଲ, ଜଗନ୍ନାଥ ସାହୁଙ୍କ ସମେତ ଭାଜପାର ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୭୩ ପ୍ରକଳ୍ପ ପ୍ରଦର୍ଶିତ



ଅତିଥିମାନେ ବିଜ୍ଞାନମେଳା ପରିଦର୍ଶନ କରୁଛନ୍ତି।

**ଅନୁଗୋଳ ଅଫିସ, ୨୨।୧୦**

ଅନୁଗୋଳ ସରକାରୀ ବାଳିକା ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୋଟ ୭୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଟାଉନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ମୋହନ ମେହେରା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। କୃତୀ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟକୁ ଚୟନ ହୋଇଛନ୍ତି। ସ୍କୁଲ କମିଟି, ମୋ ସ୍କୁଲ ଅଭିଯାନର କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# କୃଷକଙ୍କୁ ନୂତନ ଜ୍ଞାନକୌଶଳ ପ୍ରଦାନ

**ଅନୁଗୋଳ ଅଫିସ, ୨୨।୧୦ (ଡି.ଏନ.ଏ.)**

ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର କୃଷିଭବନସ୍ଥିତ ଆତ୍ମା ବୈଠକ ସଭାଗୃହରେ ଜିଲା କୃଷକ ମହାସଂଘର ବାର୍ଷିକ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅରକ୍ଷିତ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମେଳନରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଦେବାଶିଷ ମିଶ୍ର ଯୋଗଦେଇ କୃଷକ କ୍ଲବର ଆଭିମୁଖ୍ୟ, ଗଠନ, ପଞ୍ଜୀକରଣ ଓ କାର୍ଯ୍ୟାବଳୀ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଜିଲା ଅଧିକାରୀ ଚକ୍ରଧର ପଣ୍ଡା ଯୋଗଦେଇଥିଲେ। ନୂତନ ରୂପେ ଗଢ଼ା ଯାଇଥିବା କୃଷକ ମହାସଂଘର କାର୍ଯ୍ୟକାରୀ ସମିତି ତରଫରୁ ଡକାଯାଇଥିବା ଏହି ସମ୍ମେଳନରେ ଜିଲାର ସମସ୍ତ ୮ଟି ବ୍ଲକରୁ ୩୦ଟି ବିଭିନ୍ନ କୃଷକ କ୍ଲବର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଡ. ତୀର୍ଯ୍ୟକ କୁମାର ସାମନ୍ତ ଓ ପ୍ରାଣୀ ବିଜ୍ଞାନୀ ଡ. ମୋନାଲିସା ବେହେରା କୃଷକମାନଙ୍କୁ ନୂତନ ଜ୍ଞାନ କୌଶଳ ପ୍ରଦାନ କରିଥିଲେ। ଜିଲାର ମୃତ୍ତିକା ରସାୟନବିତ୍ ପ୍ରଦୀପ କୁମାର ନନ୍ଦ ମାଟି ପରୀକ୍ଷା, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ ରକ୍ଷା ତଥା ପରିବେଶ ସୁରକ୍ଷା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିଥିଲେ। କୃଷି ଜିଲା ଅଧିକାରୀ ପଣ୍ଡା ଓ ସହକାରୀ ଉଦ୍ୟାନ ଅଧିକାରୀ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୋଦିତ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଜିନ୍ଦଲ ଷ୍ଟିଲ ଓ ପାୱାର ଲିମିଟେଡର ସିଏସ୍‌ଆର ଅଧିକାରୀ ଆଶୁତୋଷ ମିଶ୍ର କମ୍ପାନୀ ଦ୍ୱାରା କୃଷି ଓ ପରିବେଶ ସୁରକ୍ଷା ଉପଯୋଗୀ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ମହାସଂଘର ସଭ୍ୟ ପ୍ରତାପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରେତାନନ୍ଦ ସାମନ୍ତ, ରବୀନ୍ଦ୍ର ନାଥ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ବସନ୍ତ କୁମାର ପ୍ରଧାନ, ଅଚ୍ୟୁତାନନ୍ଦ ପ୍ରଧାନ, ସନ୍ତୋଷ ଖଟୁଆ, ଯୋଗୀନାଥ ପ୍ରଧାନ, ମଦନ ଦାଣ୍ଡିଆ, ବିନତୀ ମାଝି, ସସ୍ମିତା ନାୟକ, ଅଞ୍ଜନା ମହାଖୁଡ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# 'ପ୍ରଶାନ୍ତ ଥିଲେ ଗରିବଙ୍କ ସାଥୀ'



ସ୍ମୃତିସଭାରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୨୨।୧୦(ଡି.ଏନ୍.ଏ.)**

ବଇଣ୍ଡା ଗ୍ରାମର ପ୍ରତିଷ୍ଠିତ ବ୍ୟବସାୟୀ ପ୍ରଶାନ୍ତ କୁମାର ସାହୁଙ୍କ ଦେହାନ୍ତରେ ଶନିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କହିଲେ, ପ୍ରଶାନ୍ତ ଥିଲେ ଗରିବଙ୍କ ସାଥୀ। ତାଙ୍କର ପରଲୋକ ସମଗ୍ର ବଇଣ୍ଡା ଅଞ୍ଚଳର ଅପୂରଣୀୟ କ୍ଷତି ସୃଷ୍ଟି କରିଛି। ସାମାଜିକ କର୍ମୀ ରଣଜିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ବିଧାୟକଙ୍କ ପ୍ରତିନିଧି କାଳିନ୍ଦୀ ଚରଣ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ ସାହୁ, ଆଇନଜୀବୀ ପ୍ରତାପ ପ୍ରଧାନ, ଉଗ୍ରେସନ ସେଠୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଅର୍ଜ୍ଜୁନ ସାହୁ, ଅରବିନ୍ଦ ସାହୁ, ଗିରିଶ ଚନ୍ଦ୍ର ବେହେରା, ପ୍ରବୀଣ ସାହୁ, ପରିକ୍ଷିତ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗଦେଇଥିଲେ। ପ୍ରାରମ୍ଭରେ କ୍ୟାଣ୍ଡେଲ ଜାଳି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍, ୨ ଗୁରୁତର

**କଣିହାଁ, ୨୨।୧୦(ଡି.ଏନ୍.ଏ.):** କଣିହାଁ ବ୍ଲକ ମସୁଣିହତା ନିକଟ ଏନ୍‌ଟିପିସି ପାଉଁଶ ପୋଖରୀ ନିକଟରେ ଶନିବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଗଛରେ ପିଟି ହୋଇଯାଇଛି। ଏଥିରେ ବଡ଼ଗୁଣ୍ଡୁରି ପଞ୍ଚାୟତ ବଡ଼ହୀରା ଗ୍ରାମର ସିପୁନ ସିଂହରା (୧୯) ଓ ଫନୀ ପ୍ରଧାନ (୨୪) ଗୁରୁତର ହୋଇଛନ୍ତି। ଦୁହେଁ କଣିହାଁରୁ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। କେତେଜଣ କମ୍ପାନୀ କର୍ମଚାରୀଙ୍କ ସହାୟତାରେ ଦୁହିଁଙ୍କୁ ପ୍ରଥମେ କଣିହାଁ ଏବଂ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରୁ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ଚୋରି ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା, ୨୨।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ତେଣ୍ଟୁଲୋଇସ୍ଥିତ ଏକ ଚପଲ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର ଜିତୁ ନାଏକଙ୍କୁ ଗିରଫ କରିଛି। ଅଞ୍ଚଳ ଦେହୁରୀଙ୍କ ଦୋକାନରୁ ଗତ ବୁଧବାର ବିଳମ୍ବିତ ରାତିରେ ୪,୦୦୦ ଟଙ୍କା ଏବଂ ଚପଲ ଚୋରି ହୋଇଥିଲା। ଗୁରୁବାର ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୧୯/୨୨ରେ ଏକ ମାମଲା ରୁଜୁ କରିଥିଲା। ଗିରଫ ଜିତୁଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଥିବା ପୋଲିସ କହିଛି।

### ମହିଳାଙ୍କୁ ଅସଦାଚରଣ ଉଦ୍ୟମ

**ଛେଣ୍ଡିପଦା, ୨୨।୧୦(ସ୍ୱ.ପ୍ର.)** ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ସନ୍ଧ୍ୟାରେ ମହିଳା ଜଣକ ତେଣ୍ଟୁଲୋଇ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ପୀଠକୁ ଯାଉଥିବାବେଳେ କେତେଜଣ ଯୁବକ ତାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ତେବେ ପୀଡ଼ିତା କୌଶଳକ୍ରମେ ସେଠାରୁ ଖସିଆସି ଶନିବାର ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ୭ରୁ ଲୋଭୀ ଠାକୁରାଣୀଙ୍କ ଯାତ୍ରା

**ବଆଁରପାଳ, ୨୨।୧୦(ଡି.ଏନ୍.ଏ.):** ବଆଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ କୁମାର ମାଝି ଏଥିରେ ଅଧକ୍ଷତା କରିଥିଲେ। ପରମ୍ପରା ଅନୁଯାୟୀ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳତବର୍ଷ ଉକ୍ତ ଦିନ ଗ୍ରହଣ ପଡୁଥିବାରୁ ଗୋଟିଏ ଦିନ ପୂର୍ବରୁ ଯାତ୍ରାର ଆୟୋଜନ କରାଯିବ। ତଦନୁଯାୟୀ ୮ ତାରିଖ ବଦଳରେ ୭ ତାରିଖରେ ସମସ୍ତ କାର୍ଯ୍ୟକ୍ରମ ହେବ। ମାନସିକଧାରୀ ମୁଣ୍ଡନ କରିବା ସହ ବ୍ରତ ପାଳନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ମାଝି ସୂଚନା ଦେଇଛନ୍ତି। ବୈଠକରେ ଲୋକନାଥ ମାଝି, ବୈକୁଣ୍ଠ ବେହେରା, ରାମ ସାମଲ, ଭିକାରୀ ସେଠୀ, ଭଜମୋହନ ମହାନ୍ତି, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସନ୍ତୋଷ ସାହୁ, ଦୈତାରି ସାହୁ, ପ୍ରଶାନ୍ତ ମାଝିଙ୍କ ସମେତ ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ଥିଲେ।

### ବେଆଇନ ମାଟି ଚାଲାଣ କରି ଗଣିଲେ ଡଣ୍ଡ

**କାମାକ୍ଷାନଗର, ୨୨।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ଅନ୍ତର୍ଗତ ଶରଧାପୁର ଗ୍ରାମ ରେଙ୍ଗାଳି ବାମ କେନାଲ ନିକଟରୁ ବେଆଇନ ଭାବେ ମାଟି ଚାଲାଣ କରୁଥିବା ୨ ଟ୍ରାକ୍ଟର, ଗୋଟିଏ ଟିପ୍ପର ଏବଂ ଗୋଟିଏ ଜେସିବିକୁ ତହସିଲଦାର ଜବତ କରିଛନ୍ତି। ଜବତ ଗାଡ଼ିର ମାଲିକମାନଙ୍କ ନିକଟରୁ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କେନାଲ ପଠାରୁ ମାଟି ଉତ୍ତୋଳନ ନେଇ ଡିମାଣ୍ଡ ଜାରି କରାଯାଇଛି, ଯାହାର ଚାଲାଣ ସମ୍ପୃକ୍ତ ଠିକାଦାର ବହନ କରିବେ। ଚଢ଼ାଉରେ ତହସିଲଦାରଙ୍କ ସମେତ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।



# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ସହର

- ଦିନକ ପରେ ମା'କାଳୀଙ୍କ ଆବାହନ
- ଭୁବନ ଅଞ୍ଚଳର ୫ ସ୍ଥାନରେ ମେଢ଼
- ୩ଦିନଧରି ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ

**ଭୁବନ, ୨୨।୧୦(ଡି.ଏନ.ଏ.)**



ଦିନକ ପରେ ଧରାବତରଣ କରିବେ ମା'କାଳୀ। ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ ଜିଲାର ଐତିହ୍ୟସମ୍ପନ୍ନ ସହର ଭୁବନ। ଦୀର୍ଘ ୨ବର୍ଷ ପରେ ଆଡମ୍ବର ସହକାରେ ହେଉଥିବା ମା'ଙ୍କ ପୂଜା ପାଇଁ ସମସ୍ତଙ୍କ ମଧ୍ୟରେ ବିପୁଳ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଥିବାବେଳେ ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ସହର ପରିବେଶ।

ଭୁବନର କାଳୀପୂଜା ଜିଲାରେ ସ୍ୱତନ୍ତ୍ର। ଚଳିତବର୍ଷ ଏନ୍‌ଏସିର କାଳୀବଜାର, ସିନେମା ହଲ୍ ଛକ ଏବଂ ବ୍ଲକର ମଣିପୁର, ନୂଆହାଟ, ମଠକରଗୋଳା ଆଦି ୫ଟି ସ୍ଥାନରେ ବଡ଼ ଧରଣର ମେଢ଼ ହେଉଛି। କରୋନା ପାଇଁ ୨ବର୍ଷ ହେଲା ମଣ୍ଡପରେ କେବଳ ନୀତି ସମ୍ପନ୍ନ ହୋଇଥିବାବେଳେ ଏ ବର୍ଷ କଟକଣା ନ ଥିବାରୁ ଜାକ୍‌ଜମକରେ ପୂଜା ଆୟୋଜନ କରାଯାଉଛି। ମା'ଙ୍କ ଆବାହନ ପୂର୍ବରୁ ପୂଜାମଣ୍ଡପ ସଜେଇ ହୋଇଛି। ମୃଣ୍ମୟୀ ପ୍ରତିମା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ। ମନୋରଞ୍ଜନ ପାଇଁ ମିନାବଜାର ଖୋଲିଲାଣି। ରାସ୍ତାପାର୍ଶ୍ୱରେ ବ୍ୟବସାୟୀ ପସରା ମେଲାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର ପରିବେଶ। ଚଳିତବର୍ଷ କାଳୀବଜାର ପ୍ରତିଷ୍ଠାନର ୪୬ ତମ ପୂଜା ମହୋତ୍ସବ ପାଳୁଛି। ଆସନ୍ତା ସୋମବାରଠାରୁ ମଣ୍ଡପରେ ମା' ବିରାଜିବେ। ଏହି ଉପଲକ୍ଷେ ୨୮, ୨୯ ଓ ୩୦ ତାରିଖରେ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ସ୍ଥାନୀୟ କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯିବ। ଦ୍ୱିତୀୟ ଦିନ ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ଡ୍ୟାନ୍ସ ଏବଂ ତୃତୀୟ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ କରାଯିବ। ୧ ତାରିଖରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

**ଦକ୍ଷତା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ**



"ଚଳିତ ପୂଜାରେ ସ୍ଥାନୀୟ କଳାକାରଙ୍କୁ ନେଇ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ।

–ସମୀର କୁମାର ସାହୁ, କାଳୀବଜାର ବଣିକ ସଂଘ ସଭାପତି

**ଭସାଣିରେ ପାରମ୍ପରିକ ବାଦ୍ୟଯନ୍ତ୍ର ସାମିଲ ହେବ**



"ପୂଜାକୁ ଆଡମ୍ବର ସହକାରେ କରାଯାଉଛି। ସାମୂହିକ ପ୍ରସାଦସେବନ ଉତ୍ସମାନର ହେବ। ଭସାଣିରେ ପାରମ୍ପରିକ ବାଦ୍ୟ, ଲୋକନୃତ୍ୟ ସାମିଲ କରାଯିବ।

–ବିଶ୍ୱଜିତ୍ ବାରିକ, କାଳୀବଜାର ବଣିକ ସଂଘ ସମ୍ପାଦକ

# ହାତୀ ନଷ୍ଟ କଲେ ଫସଲ



**ଢେଙ୍କାନାଳ ଅଫିସ,୨୨।୧୦**

ଢେଙ୍କାନାଳ ସଦର ଏବଂ ଗଁଦିଆ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ସଦର ବ୍ଲକ ବେଲଟିକିରି ଗ୍ରାମରେ ଶନିବାର ହାତୀପଲ ବ୍ୟାପକ ଫସଲ ନଷ୍ଟ କରିବା ସହ ବିଲ ହୁଡ଼ାରେ ଥିବା କୁଡ଼ିଆକୁ ଭାଙ୍ଗି ଦେଇଥିବା ଚାଷୀ ନକୁଳ ଷେଣ୍ଡ ଏବଂ ପ୍ରଫୁଲ୍ଲ ଷେଣ୍ଡ ଅଭିଯୋଗ କରିଛନ୍ତି। ହାତୀପଲ ଗୋଡାଇବାରୁ ଉଭୟ ଚାଷୀ ଜୀବନ ବଞ୍ଚାଇ ଦୌଡି ପଳାଇଥିଲେ। ସେହିପରି ପିଙ୍ଗୁଆ ଜନବସତି ଅଞ୍ଚଳରେ ଦିନବେଳା ଏକ ଦନ୍ତାହାତୀର ଉପସ୍ଥିତି ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ବନ କର୍ମଚାରୀ ହାତୀଙ୍କୁ ଘଉଡ଼ାଇ ନ ଥିବାବେଳେ ଅଭିଯୋଗ ହେଉଥିବାବେଳେ ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

# ସାହିତ୍ୟ ଆସର, କବିତା ପାଠ



ସାହିତ୍ୟ ଆସରରେ ଯୋଗଦେଇଥିବା ସାହିତ୍ୟପ୍ରେମୀ।

**ଢେଙ୍କାନାଳ ଅଫିସ,୨୨।୧୦**

ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ସାହିତ୍ୟ ବିଭାଗ 'ଚରୈବେତୀ' ପକ୍ଷରୁ ମାସିକ ସାହିତ୍ୟ ଆସର ସ୍ଥାନୀୟ ଦଧିବାମନଜୀଉ ମଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ପ୍ରମୁଖ ସୁଶୀଲ କୁମାର ନନ୍ଦ ଅଧକ୍ଷତା କରିଥିଲେ। ଫୋରମର ସଭାପତି ସୋମେନ୍ଦୁ ଶତପଥୀ, ବ୍ୟାଙ୍ଗକବି ଶତ୍ରୁଘ୍ନ ମାଟି, କବି ନନ୍ଦିକେଶ୍ୱରୀ ନାଥ, ବୈଜୟନ୍ତୀ ପଟ୍ଟନାୟକ, ସଦସ୍ୟ ବିଭୁ ଦ୍ୱିବେଦୀ ପ୍ରମୁଖ ଶ୍ଳୋକପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ।

ଲକ୍ଷ୍ମୀପୂଜା ଭସାଣି ଶୋଭାଯାତ୍ରାରେ ହୃଦ୍‌ଘାତରେ ପରଲୋକ ଘଟିଥିବା ସତ୍ୟବାଦୀ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଫୋରମ୍‌ର ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କବି ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସଂଯୋଜନାରେ ପତିତପାବନ ରାଉତ, ପ୍ରେମାନନ୍ଦ ରାଉତ, ବୈଜୟନ୍ତୀ ପଟ୍ଟନାୟକ, ନନ୍ଦିକେଶ୍ୱରୀ ନାଥ, ସସ୍ମିତା ମିଶ୍ର, ସସ୍ମିତା ଦାଶ, ବିନୋଦ ମଲ୍ଲିକ, ବୈକୁଣ୍ଠ ସ୍ୱାଇଁ, ରଶ୍ମି ମହାପାତ୍ର, ସନ୍ତୋଷୀ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିଶ୍ୱପ୍ରଜ୍ଞା ଷଡ଼ଙ୍ଗୀ, ମଧୁସ୍ମିତା ରାଉତଙ୍କ ସମେତ ୪୦ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଶ୍ୱଜିତ ବରାଳ, ରାମଚନ୍ଦ୍ର ଦେବତା, ବୈକୁଣ୍ଠନାଥ ଦ୍ୱିବେଦୀ, ଭୋଜରାଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୩ ମେଳାରେ ୩ କୋଟି ୪୭ ଲକ୍ଷ ବ୍ୟବସାୟ

**ଢେଙ୍କାନାଳ ଅଫିସ, ୨୨।୧୦**

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ଅକ୍ଟୋବର ୧୦ରୁ ୧୭ ତାରିଖ ଯାଏ ସହରରେ ଆୟୋଜିତ ୩ ମେଳାରେ ୩ କୋଟି ୪୭ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି। ପ୍ରଶାସନ ପକ୍ଷରୁ ମହିଷାପାଟ ପଡ଼ିଆଠାରେ ଅନୁଷ୍ଠିତ ପଲ୍ଲିଶ୍ରୀ ମେଳାରେ ମୋଟ୍ ୧ କୋଟି ୮୯ଲକ୍ଷ ୬୬ହଜାର ୮୨୦ଟଙ୍କା, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରାଧା' ପକ୍ଷରୁ ଆୟୋଜିତ ବାଣିଜ୍ୟ ମେଳାରେ ୮୧ ଲକ୍ଷ ୭୬ ହଜାର ୫୫୧ ଏବଂ କଟକ ବୈଶାଖୀ ବାଣିଜ୍ୟ ମେଳାରେ ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ୩୦୦ ଷ୍ଟଲ୍ ଖୋଲିଥିବାବେଳେ ଏଥିରେ ଓଡ଼ିଶା ସମେତ ୯ ରାଜ୍ୟର ଏସ୍ଏଚ୍‌ଜି ଏଥିରେ ସାମିଲ ହୋଇଥିଲେ।

# ୧୪ରେ 'ଆମ ପ୍ରତିଭା ଆମ ସମ୍ମାନ'ର ବାର୍ଷିକ ଉତ୍ସବ




ବୈଠକରେ ଉପସ୍ଥିତ ଏମ୍‌ପିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ,୨୨।୧୦**

ନଭେମ୍ବର ୧୪ ଶିଶୁ ଦିବସରେ ଢେଙ୍କାନାଳ 'ଆମ ପ୍ରତିଭା ଆମ ସମ୍ମାନ'ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଏମ୍‌ପି ମହେଶ ସାହୁ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବ୍ଲକରେ ମାତୃଭାଷା ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର, କଳା, ବାଣିଜ୍ୟ ଏବଂ ବିଜ୍ଞାନରେ ସର୍ବୋଚ୍ଚ ମାର୍କ ରଖିଥିବା ବିଦ୍ୟାର୍ଥୀ ଏବଂ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଉପସଭାପତି କୋଦଣ୍ଡଧର ସାହୁ, ସମ୍ପାଦକ କାର୍ତ୍ତିକ ସାହୁ, ଧର୍ମାନନ୍ଦ ବରାଳ, କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇ, ସଂଯୋଜକ ସତ୍ୟନାରାୟଣ କର, ହଟକିଶୋର ଗଡ଼ନାୟକ, ଲିଆକତ ଅଲ୍ଲି ଖାଁ, ଅର୍ଜୁନ ସାହୁ, ବାବୁଲି ପରିଡ଼ା, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଆନନ୍ଦିତା ମିଶ୍ର, ଶ୍ୟାମସୁନ୍ଦର ସାହୁ, ରଞ୍ଜନ ସାହୁ, ମହେନ୍ଦ୍ର ସାହୁ, ଦୁଷ୍ମନ୍ତ ମହାନ୍ତି, ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଆଁରପାଳ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

**ବଆଁରପାଳ, ୨୨।୧୦ (ଡି.ଏନ.ଏ.)**

ବଆଁରପାଳ ବ୍ଲକ କୁଲାଡ଼ ଲକ୍ଷ୍ମୀପୂଜା ଅବସରରେ ଆୟୋଜିତ ତପନ ମେମୋରିଆଲ କବାଡି ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଥର୍ମାଲ ଓ ବଆଁରପାଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ବଆଁରପାଳ ଟିମ୍ ୩ ପଏଣ୍ଟରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଏଚ୍‌ଆର୍‌ଡି ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ଡିଜିଏମ୍ ରାଜାରାମ ମିଶ୍ର, ସରପଞ୍ଚ ଉଷାରାଣୀ ସ୍ୱାଇଁ, ନାଲ୍‌କୋ ଟ୍ରକ୍ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା, ରାଜ୍ୟ ଟ୍ରକ୍ ମାଲିକ ସଂଘ ଉପସଭାପତି ରାଜୀବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ବିଶ୍ୱାଳ, ପ୍ରକାଶ ନାୟକ, ବିଶ୍ୱଜିତ ପଡିୟାର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜନ ଦଳବେହେରା, ବାମଦେବ ସେଠ, ପ୍ରଣବ ଜେନା, ବସନ୍ତ ଦଳବେହେରା, ନିରୋଡ଼ ଧୀର, ବିଜୟ ସାମଲ, କଳ୍ପନା ସାମଲ, ସାଗରିକା ଅମାନ୍ତ, ଅନୁପମ ଅମାନ୍ତ, ରୂପାଲି ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଭବ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦିଅ

**ଛେଣ୍ଡିପଦା, ୨୨।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଶିମିଳିପାଳଠାରୁ ବସନ୍ତପୁର ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶରତ ଗଡ଼ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଟାଙ୍ଗିର ସରପଞ୍ଚ ଅମରେଶ ନାଥ, ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ବସନ୍ତପୁର ଆମ୍ବୋଟୋଟାରେ ଅନୁଷ୍ଠିତ ବୈଠକରେ ବିଧାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସତ୍ୟବ୍ରତ ଦେହୁରୀ, ଆଶିଷ ପ୍ରଧାନ, ଅମ୍ବିକା ବେହେରା, ପରେଶ ମାଝି, ଜୟନ୍ତ ସାହୁ, ପଙ୍କଜଲୋଚନ ସାହୁ, ବୀରେନ ପ୍ରଧାନ, ସୁଜିତ ବିଶ୍ୱାଳ, ଟଙ୍କଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# 'ମାନବ ସେବାକୁ ବ୍ରତ କର'

**ଭୁବନ, ୨୨।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜର ସପ୍ତାହବ୍ୟାପୀ ଯୁକ୍ତ ୨ ବିଭାଗ ଏନ୍‌ଏସ୍‌ଏସ୍ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ସଭାପତିତ୍ୱରେ ଡା. ସୌମ୍ୟରଞ୍ଜନ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ମାନବ ସେବା ହିଁ ମାଧବ ସେବା। ଏହାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ସେ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଏବଂ ବିପଦରେ ପଡ଼ିଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର ମୁଖ୍ୟ ଆଗ୍ନିକ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଶୁଭକାନ୍ତ ଆଚାର୍ଯ୍ୟ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାର୍ଗଦର୍ଶନ କରାଇଥିଲେ। ଶିବିରାର୍ଥୀଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୫୦ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ଶ୍ରେଷ୍ଠ ୫ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ହିମାଂଶୁ ମିଶ୍ର, ସୁକାନ୍ତ ସାହୁ, ଅଧ୍ୟାପିକା ସୌମ୍ୟାଶ୍ରୀ ବେହେରା, ଶ୍ରାବଣୀ ଅଳ୍ପନା, ପୁରାତନ ଛାତ୍ର ବିପିନ ବିହାରୀ ସେଠୀ, ଲାଇବ୍ରେରିଆନ ନନ୍ଦକିଶୋର ଧୀରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ପ୍ରତାପ ଓସିଏ ଆପେକ୍ସ କାଉନସିଲ୍ ମେମ୍ବର



ଅନୁଗୋଳ ଅଫିସ,୨ ୨।୧୦ ଅନୁଗୋଳ ଜିଲା କ୍ରିକେଟ୍ ଆସୋସିଏଶନ୍ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ଆପେକ୍ସ କାଉନସିଲ୍ ମେମ୍ବର ଭାବେ ଚୟନ ହୋଇଛନ୍ତି। ଆପେକ୍ସ ସଦସ୍ୟ ପାଇଁ ସେ ଶୁକ୍ରବାର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ କରିଥିଲେ। ପ୍ରତାପ ଆପେକ୍ସ କାଉନସିଲ୍ ମେମ୍ବର ହେବା ପରେ ଅନୁଗୋଳ କ୍ରିକେଟ୍‌ର ପୂର୍ବ ଗୌରବ ଫେରିବ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା ବାନ୍ଧିଛନ୍ତି। ସୂଚନାଯୋଗ୍ୟ, ସେ ଅନୁଗୋଳ କ୍ରିକେଟ୍ ଆସୋସିଏଶନ୍ ମଙ୍ଗ ଧରିବା ପରେ ୧୯ ବର୍ଷରୁ କମ୍ ରାଜ୍ୟ ଦଳରେ ଜିଲାରୁ ୩ ଜଣ ଖେଳାଳି ପ୍ରତିନିଧିତ୍ୱ କରୁଛନ୍ତି।

### ନଳକୂପ ସ୍ଥାପନ ଦାବି

ତାଳଚେର, ୨୨।୧୦ (ନି.ପ୍ର.)- ତାଳଚେର ବ୍ଲକ ନୂଆ ନରହରିପୁର ମହାରଣା ସାହି ବାସିନ୍ଦା ପାନୀୟ ଜଳ ପାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ରହିଥିବା ୨ଟି ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇ ହୋଇପଡ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ସାହିରେ ଏକ ନୂତନ ନଳକୂପ ଖନନ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସାହି ବାସିନ୍ଦା ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପଦାନ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଅନୁଗୋଳ ଅଫିସ, ୨୨।୧୦- ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମ୍‌ବିଏ ଏବଂ ଏମ୍ କମ୍ ବିଭାଗ ତରଫରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହିତ ବୃତ୍ତିଗତ ଶିକ୍ଷାର ଚାହିଦା ଏବଂ ତାହାର ଭିନ୍ନ ଭିନ୍ନ ଦିଗ ସହ ମହାବିଦ୍ୟାଳୟର ଆନୁଷଙ୍ଗିକ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ। ବରିଷ୍ଠ ଅଧାପକ ଡ. ଚିତ୍ତରଞ୍ଜନ ସାହୁ ଛାତ୍ରୀଛାତ୍ରମାନଙ୍କ ଦକ୍ଷତାର ବିକାଶ କିପରି କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। କଲେଜର ପୂର୍ବତନ ଅଧାପକ ତଥା ବିଭାଗୀୟ ନିର୍ଦ୍ଦେଶକ ଡ. ସୋମେଶ ଦତ୍ତ ଦାସ ଧୈର୍ଯ୍ୟ ଏବଂ ନିଷ୍ଠାର ସହିତ ପ୍ରତିକୂଳ ପରିବେଶକୁ ମୁକାବିଲା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ।

### ଶିଶୁ ସୁରକ୍ଷା ଆଇନ ଉପରେ ଆଲୋକପାତ

ଅନୁଗୋଳ ଅଫିସ, ୨୨।୧୦- ଅନୁଗୋଳ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ବାଲ୍ୟ ବିବାହ ଟାସ୍କଫୋର୍ସର ସଭ୍ୟାସଭ୍ୟମାନଙ୍କୁ ନେଇ ଆକ୍ସନଏଡ୍ ଓ ଜିଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧକ୍ଷତା କରିଥିବା ବେଳେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶିବିର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଚିକିତ୍ସା ଅଧିକାରୀ, ତଥା ଆକ୍ସନଏଡ୍‌ର ଜିଲା ସଂଯୋଜକ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା, ବାଲ୍ୟ ବିବାହ ନିରୋଧ ଆଇନ, ଶିଶୁ ଶ୍ରମିକ, ଲିଙ୍ଗଗତ ତାରତମ୍ୟ, ସମଗ୍ର ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଚାଇଲ୍ଡ ଲାଇନ ଅନୁଗୋଳର କର୍ମକର୍ତ୍ତା, ସରପଞ୍ଚ, ଆଇସିଡିଏସ୍ ସୁପରଭାଇଜରମାନେ ଅଂଶଗ୍ରହଣ କରିଥିଲେ।

### ଚୋରି ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୨୨।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ତେଣ୍ଟୁଲୋଇର ଏକ ଚପଲ ଦୋକାନରୁ ଚୋରି ଅଭିଯୋଗରେ ପୋଲଚି ତେଣ୍ଟୁଲୋଇ ଗ୍ରାମର ଜିତୁ ନାଏକଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ତେଣ୍ଟୁଲୋଇ ଗ୍ରାମ ଛକଠାରେ ଥିବା ଅଞ୍ଚଳ ଦେହୁରୀଙ୍କ ଚପଲ ଦୋକାନରୁ ଗତ ବୁଧବାର ବିଳମ୍ବିତ ରାତିରେ ୪ ହଜାର ଟଙ୍କା ଏବଂ କିଛି ଚପଲ ଚୋରି ହୋଇଥିଲା। ଗୁରୁବାର ସକାଳେ ଅଞ୍ଚଳ ଦୋକାନ ଖୋଲିବାକୁ ଆସି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚୋରି ଅଭିଯୋଗରେ ସେହି ଗ୍ରାମର ଜିତୁ ନାଏକଙ୍କୁ ଗିରଫ କରିଥିଲା। ଏଥିସହ ଜିତୁଙ୍କ ନିକଟରୁ କିଛି ଚୋରି ସାମଗ୍ରୀ ଜବତ କରିଥିଲା।

# ମନଜିଣିବ ମେଲୋଡି



- ଦିନକ ପରେ ଅଙ୍ଗପଡ଼ାରେ କାଳୀପୂଜା
- ୬ଦିନ ଧରି ଧୁମ୍‌ଧାମରେ ଅନୁଷ୍ଠିତ ହେବ
- ସବୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବଇଣ୍ଡା,୨୨।୧୦(ଡି.ଏନ.ଏ)

ଦିନକ ପରେ କାଳୀପୂଜା। ମା'ଙ୍କ ଆବାହନ ପାଇଁ ଚଳଚଞ୍ଚଳ ହୋଇଉଠିଛି କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମ। ଚଳିତବର୍ଷ ଏଠାରେ ପୂଜା ୪୪ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାବେଳେ ଧୁମ୍‌ଧାମରେ ଚାଲିଛି ଆୟୋଜନ। ମୂର୍ତ୍ତି, ମଣ୍ଡପ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଡ଼ମ୍ବରରେ ପୂଜା ପାଳନ କରିବା ପାଇଁ ଅଙ୍ଗପଡା ଗ୍ରାମବାସୀ ଓ କାଳୀ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ୬ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଛି। ମେଲୋଡି ଓ ଯାତ୍ରା ମୁଖ୍ୟ ଆକର୍ଷଣ ହେବ ବୋଲି ଜଣାପଡିଛି।

କମିଟି ପକ୍ଷରୁ କୁହାଯାଇଛି, ୧୯୭୮ରେ ଗ୍ରାମର ଲମ୍ବୋଦର ସାହୁ, ଦୟାନିଧି ପ୍ରଧାନ, ଅରୁଣ ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ବୈକୁଣ୍ଠ ପ୍ରଧାନ, ଗୌର ଚନ୍ଦ୍ର ସାହୁ, ଗୋଲେଖ ପ୍ରଧାନ ଏହି ପୂଜା ଆରମ୍ଭ କରିଥିଲେ। ୧୩ ବର୍ଷ ଧରି ସେମାନେ ମିଳିମିଶି ପୂଜା କରିଥିଲେ। ପରେ ପୂଜା ଦାୟିତ୍ୱ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲେ। ଏହାପରଠାରୁ ଅଙ୍ଗପଡା ଗ୍ରାମବାସୀ ଓ କାଳୀପୂଜା କମିଟି ୧୯୯୧ରୁ ପୂଜା ପାଳନ କରିଆସୁଛନ୍ତି। ୧୯୭୧ରେ କାଳୀ ମନ୍ଦିର ନିର୍ମାଣ ହେବା ପରେ ପ୍ରତ୍ୟେକ ବର୍ଷ ଦୀପାବଳିରେ ମା'ଙ୍କ ପୂଜା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଥମେ ୧୦ ହଜାର ଟଙ୍କାରୁ ପୂଜା ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ବଜେଟ ୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ମୂର୍ତ୍ତି କାରିଗର ବିପିନ ତ୍ରିପାଠୀ ୬ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରୁଥିବାବେଳେ ମେଢର ଉଚ୍ଚତା ସାଢେ ୧୨ ଫୁଟ୍ ରହିବ। ଲୋକଙ୍କ ମନୋରଞ୍ଜନ ପାଇଁ ଯାତ୍ରା ପରିବେଷଣ କରାଯିବ। ଗୋଟିଏ ଦିନ ମେଲୋଡି କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ ପାଇଁ ସ୍ଥିର ହୋଇଛି। ଏଥିସହ ୧୦୦୦ ଲୋକଙ୍କ ପାଇଁ ଅନ୍ନପ୍ରସାଦ।

### ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିଲା



ଅଙ୍ଗପଡ଼ା ଅଞ୍ଚଳରେ ମା' କାଳୀଙ୍କ ପୂଜା ପାଇଁ ଗ୍ରାମରେ ଥିବା ସମସ୍ତ ସରକାରୀ ଚାକିରିଆ ଏକଜୁଟ ହୋଇ ୧୯୭୮ ମସିହାରୁ ଏହି ପୂଜା ଆରମ୍ଭ କରିଥିଲେ। ୧୦ ହଜାର ଟଙ୍କାରୁ ଏହି ପୂଜା ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ଖର୍ଚ୍ଚ ୪ ଲକ୍ଷ ଟଙ୍କାରେ ପହଞ୍ଚିଛି।

-ଦୟାନିଧି ପ୍ରଧାନ, ପୂଜା କମିଟି ପ୍ରତିଷ୍ଠାତା ସଦସ୍ୟ

### ହଜାରେ ଲୋକଙ୍କୁ ଅନ୍ନପ୍ରସାଦ



ଚଳିତବର୍ଷ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହେବ। ଲୋକଙ୍କ ମନୋରଞ୍ଜନ ପାଇଁ ୪ ଦିନ ଯାତ୍ରା ଓ ଗୋଟିଏ ଦିନ ମେଲୋଡି ପରିବେଷଣ କରାଯିବ। ହଜାରେ ଲୋକଙ୍କୁ ଅନ୍ନପ୍ରସାଦ ଦେବାର କାର୍ଯ୍ୟକ୍ରମ ରହିଛି।

-ଦାମୋଦର ସାହୁ, ପୂଜା କମିଟି ସଦସ୍ୟ

### ଆକର୍ଷଣୀୟ ହେବ



ଅଙ୍ଗପଡ଼ା ଅଞ୍ଚଳରେ କାଳୀ ପୂଜା ବେଶ୍ ଆକର୍ଷଣୀୟ ଭାବେ କରାଯିବ। ପ୍ରତିବର୍ଷ ଧୁମ୍‌ଧାମରେ ଆୟୋଜନ କରାଯାଉଥିବାରୁ ଏହା ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ହେଉଛି। କେବଳ କରୋନା ପାଇଁ ଗତ ୨ ବର୍ଷ ପୂଜା ନୀତିକାନ୍ତିରେ ସୀମିତ ରହିଥିଲା। ତେଣୁ ଚଳିତବର୍ଷ ପୂଜା ଦେଖିବାକୁ ଭିଡ ବଢ଼ିବ।

-ପ୍ରଶାନ୍ତ ସାହୁ, ପୂଜା କମିଟି ସଦସ୍ୟ

### ପୂଜାରେ ସ୍ୱତନ୍ତ୍ରତା ରହିଛି



ଗ୍ରାମବାସୀ ଓ କମିଟିର ଅର୍ଥରେ ଏହି ପୂଜା ଧୁମ୍‌ଧାମରେ ପାଳନ କରାଯିବ। ବହୁ ପୁରାତନ ଅନୁଷ୍ଠାନ ହୋଇଥିବାରୁ ଏହାର ସ୍ୱତନ୍ତ୍ରତା ରହିଛି। ଚଳିତବର୍ଷ ବଡ଼ ଆଡ଼ମ୍ବରରେ ଆୟୋଜନ କରାଯାଉଥିବାରୁ ଏହା ଦେଖିବାକୁ ଲୋକେ ଅପେକ୍ଷା କରିଛନ୍ତି।

-ଦିଗାମ୍ବର ବେହେରା, କମିଟି ସଭ୍ୟ


ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
dklselfie@gmail.com




@ ରବୀନ୍ଦ୍ର



@ ବିକାଶ



@ ମନସ୍ୱିନୀ


ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ଅନୁଗୋଳ ଅଫିସ, ୨୨।୧୦

ଅନୁଗୋଳ ଥାନା ମୂଷାପାପୁଲି ଅଞ୍ଚଳରେ ୪ବର୍ଷ ତଳେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଅନୁଗୋଳ ଜିଲା ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟର ଆଡ୍‌ହକ୍ ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରେମରାଜ୍ ବହିଦାର ମାମଲାର ବିଚାର କରି ରନ୍ତଲେଇ ଗ୍ରାମର ପ୍ରଭାତ ନାଏକ(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲା ବିବରଣୀରୁ ପ୍ରକାଶ, ୨୦୧୮ ଜୁନ୍ ୧୮ରେ ଅଭିଯୁକ୍ତ ପ୍ରଭାତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୧୫/୧୮ରେ ମାମଲା ରୁଜୁ କରି ପ୍ରଭାତଙ୍କୁ ଗିରଫ କରିଥିଲା। ୨୦ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ସୁଶାନ୍ତ ମିଶ୍ର ମାମଲା ପରିଚାଳନା କରିଥିଲେ।

# ମତୁଆଲା କଲା କିଶୋର ସଙ୍ଗୀତ



ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଅଁରପାଳ, ୨୨।୧୦(ଡି.ଏନ୍.ଏ.)

ନାଲ୍‌କୋ ଅଡିଟୋରିୟମ ପରିସରରେ ସଙ୍ଗୀତ କିମ୍ବଦନ୍ତୀ କିଶୋର କୁମାରଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀମାନେ କିଶୋର କୁମାରଙ୍କ ପ୍ରସିଦ୍ଧ ଗୀତ ଗାଇ ଭାବଗମ୍ଭୀର ପରିବେଶ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ଭାବେ (ଏଚ୍‌ଆଣ୍ଡଏ–ଏସ୍‌ଆଣ୍ଡପି) ଜିଜିଏମ୍ ସତ୍ୟାନନ୍ଦ ସାହୁ, ଜିଜିଏମ୍ (ସିପିପି) ସୁଧୀର ରଞ୍ଜନ ପଟ୍ଟନାୟକ, ଜିଜିଏମ୍ (ସିଆର୍‌ଜି) କେ.ବି. ସ୍ୱାଇଁ, ଜିଜିଏମ୍ (ମାଇନ୍ସ) ତପନ ପଟ୍ଟନାୟକ, ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଦେବ ମହାପାତ୍ର, ପୂର୍ବତନ ଜିଏମ୍ (ଏଚ୍‌ଆଣ୍ଡଏ) ପ୍ରଦୋଷ ମହାନ୍ତି, ପୂର୍ବତନ ଜିଜିଏମ୍ (ସିଭିଲ), ବିଷ୍ଣୁପଦ ଆଚାର୍ଯ୍ୟ, ଜିଜିଏମ୍ (ଏଚ୍‌ଆଣ୍ଡଏ) ରାଜାରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁନୋନ୍ଦୋ ସେନ, ଅନୁପୂର୍ବା ସେନ, ସୌମ୍ୟା ମହାପାତ୍ର, ତପନ ମିଶ୍ର, ପ୍ରୀତିପଦ୍ମା ସାହୁ ପ୍ରମୁଖ ମନୋମୁଗ୍ଧକର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅମ୍ବିକା ପ୍ରସାଦ ପଣ୍ଡା ଏବଂ ସତ୍ୟାନନ୍ଦ ସାହୁଙ୍କୁ ନବନିର୍ବାଚିତ ସଭାପତି ତପନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ପୀୟୂଷ ରଞ୍ଜନ ପତି, ଦେବାଶିଷ ମିଶ୍ର, କିଶୋର ବେହେରା, ଦୀପକ ସାମଲ, ହରି ନାଥ, ମନୋରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୌଡ଼ରେ ବିଦ୍ୟୁତ୍‌ସ୍ମିତା, ଦୌଡ଼, ଉଚ୍ଚ ଡିଆଁରେ ଓମ୍ ପ୍ରକାଶ

କଣିହାଁ,୨୨।୧୦(ଡି.ଏନ.ଏ)

ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ମଧୁସୂଦନ ନଗର ଯାଜପୁରଠାରେ ଆୟୋଜିତ ପ୍ରାଦେଶିକ ଓ କ୍ଷେତ୍ରୀୟ ଖେଳକୁଦ ସମାରୋହରେ କଣିହାଁସ୍ଥିତ ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ରୀ ବିଦ୍ୟୁତ୍‌ସ୍ମିତା ସେଠୀ ୧୦୦ ମିଟର, ୨୦୦ ମିଟର ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦଶମ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ସାହୁ ୨୦୦ ମିଟର, ୮୦୦ ମିଟର ଦୌଡ, ଉଚ୍ଚଡିଆଁରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କ୍ଷେତ୍ରୀୟ ରାଜ୍ୟ ଖେଳକୁଦରେ ଓମ୍ ପ୍ରକାଶ ସାହୁ ୨ ସ୍ଥାନ ଓ ବିଦ୍ୟୁତ୍‌ସ୍ମିତା ସେଠୀ ପୁନଶ୍ଚ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟେ ହରିୟଣାରେ ହେବାକୁ ଥିବା ଅଖିଳ ଭାରତୀୟ ଖେଳକୁଦ ସମାରୋହରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବା ଜଣାପଡ଼ିଛି।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଅନୁଗୋଳ ଅଫିସ,୨୨।୧୦

ଅନୁଗୋଳ ଶିକ୍ଷକପଡ଼ା ସାଇ ମନ୍ଦିର ନିକଟରେ ଡକାୟତି ପାଇଁ ଯୋଜନା କରାଯାଉଥିବାବେଳେ ପୋଲିସ ଏହାକୁ ପଣ୍ଡ କରିଛି। ଏହି ଘଟଣାରେ ହେମସୁରପଡ଼ାର ଶେକ୍ ଅନିସ୍ (୨୫), ଦେବାଶିଷ ନାଏକ (୨୩), ଶିକ୍ଷକପଡ଼ାର ସୁମନ ନାଏକ (୨୩) ଓ ରାଜକିଶୋରପଡ଼ାର ସୌମ୍ୟରଞ୍ଜନ କଅଁର (୧୯)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଭୁଜାଲି, ଲୁହାଛଡ଼, ବାଇକ୍ ଓ ଏକ ସ୍କୁଟି ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍‌ଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୫୫୯/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

# ପ୍ରଦୂଷଣ ସମସ୍ୟା ସମ୍ପର୍କିତ ଦାବିପତ୍ର

ଅନୁଗୋଳ ଅଫିସ,୨୨।୧୦

ଓଡ଼ିଶା ବିଧାନସଭାର ପିଏସି ଷ୍ଟାଣ୍ଡିଂ କମିଟି ଶୁକ୍ରବାର ଅନୁଗୋଳ ଜିଲା ଗସ୍ତ କରିଛନ୍ତି। ଉକ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ ମୋହନ ମାଝିଙ୍କ ସମେତ ଅନୁଗୋଳ ଗସ୍ତରେ ଥିବା ସମସ୍ତ ସଦସ୍ୟଙ୍କୁ ଜିଲା ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିସହିତ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଜରାସିଂହା ଓ ପରଙ୍ଗ ଗ୍ରାମର ସରପଞ୍ଚ ଓ ଜନସାଧାରଣ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମୌଳିକ ସମସ୍ୟା ପ୍ରତି କମିଟି ଗୁରୁତ୍ୱ ଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପ୍ରଦୂଷଣ ରୋକିବା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଅଧକ୍ଷ ମାଝି ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ପ୍ରଭାତ ପ୍ରଧାନ, ମିଳାପ ପ୍ରଧାନ, ସନ୍ତୋଷ ନାୟକ, ଦୁଷ୍ମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରଭାବଶାଳୀଙ୍କ ଆଧିପତ୍ୟକୁ ନେଇ ଅସନ୍ତୋଷ

ଅନୁଗୋଳ ଅଫିସ, ୨୨।୧୦



ଅନୁଗୋଳ ସହରରେ ବାଣ ଦୋକାନ ବିବାଦ ତୁଟିବାର ନାଁ ନେଉନାହିଁ। ଦୀପାବଳି ଯେତିକି ପାଖଉଛି, ସମସ୍ୟା ସେତିକି ବଢ଼ିବାରେ ଲାଗିଛି। ପ୍ରଶାସନ ଲଟେରି ମାଧ୍ୟମରେ ଦୋକାନ ଘର ଆବଣ୍ଟନ କରିବା ବଦଳରେ ଦସ୍ତଖତ ମାରି କାମ ସାରିଦେଇଥିଲା, ଯାହାକୁ ନେଇ ବହୁ ବ୍ୟବସାୟୀ ଅସନ୍ତୋଷ ଜାହିର କରିଥିଲେ। ତେବେ ପ୍ରଭାବଶାଳୀ ବ୍ୟବସାୟୀଙ୍କ ଆଗରେ ମୁଣ୍ଡ ନୁଆଁଇଥିଲା ପ୍ରଶାସନ। ଅନ୍ୟପଟେ ପ୍ରଶାସନ ବାଣ ଦୋକାନ କରିବାକୁ ଘର ଆବଣ୍ଟନ କରିଥିଲେ ମଧ୍ୟ କେତେଜଣ ଯୁବକ ପରେ ଜବରଦସ୍ତ ଧସେଇ ପଶିଥିଲେ। ସେମାନେ ନିଜ ଇଚ୍ଛାରେ ଦୋକାନ ଖୋଲିବେ ବୋଲି ଜିଦ୍ ଧରିଥିଲେ। ଚତୁର୍ଥ ଶନିବାର ଛୁଟି ଥିବାରୁ ପ୍ରଶାସନିକ ଅଧିକାରୀ ବିବାଦ ତୁଟାଇବାକୁ ବାଣ ପଡ଼ିଆକୁ ଗଲେ ନାହିଁ। ଫଳରେ ବ୍ୟବସାୟୀମାନେ ହଇରାଣ ହୋଇଛନ୍ତି।

ଅନୁଗୋଳରେ ବାଣ ବ୍ୟବସାୟକୁ ନେଇ ଦୁଇ ଦିନ ହେଲା ଟଣାଓଟରା ଲାଗି ରହିଛି। କିଏ କେଉଁଠି ବସିବ ତାକୁ ନେଇ ଉଠିଥିବା ବିବାଦ ତୁଟୁନାହିଁ। ଏସବୁ ଭିତରେ ନିୟମକୁ ଫୁଁ କରି ଉଡ଼ାଇ ଦେଇଛନ୍ତି ବ୍ୟବସାୟୀ। ବାଣ ଦୋକାନ ପାଇଁ ସର୍ବାଧିକ ୧୦ବର୍ଗ ଫୁଟରେ ଟେଣ୍ଟ କରିବାକୁ କୁହାଯାଇଥିଲେ ମଧ୍ୟ କେତେଜଣ ବ୍ୟବସାୟୀ ମନଇଚ୍ଛା ଏହାର ପରିସର ବୃଦ୍ଧି କରିଛନ୍ତି। ସେହିପରି ଶନିବାର ଅନ୍ୟ ଦୁଇ ବ୍ୟବସାୟୀଙ୍କୁ ବାଣ ବିକ୍ରି ଲାଗି ଅନୁମତି ଦିଆଯାଇଛି, ଯାହାକୁ ନେଇ ଅପରାହ୍ନରେ ଅନୁଗୋଳ ଷ୍ଟାଡିୟମରେ ହୋହଲ୍ଲା ହୋଇଥିଲା।

### ତୁଟୁନି ବାଣ ଦୋକାନ ବିବାଦ

ପ୍ରଶାସନିକ ଅଧିକାରୀ ନ ଆସିବାରୁ ଉତ୍ତେଜନା ବଢ଼ିଥିଲା। କେତେଜଣ ପ୍ରଭାବଶାଳୀ ବାଣ ବ୍ୟବସାୟୀଙ୍କ ଲାଗି ପ୍ରଶାସନ କୋହଳ ମନୋଭାବ ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଦୀପାବଳିକୁ ମଝିରେ ମାତ୍ର ଦିନଟିଏ ବାକି ଥିବାବେଳେ ତୁରନ୍ତ ବିବାଦ ତୁଟାଇବାକୁ ଦାବି ହେଉଛି।

ଏ ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି, ବାଣ ବିକ୍ରି ପାଇଁ ଅଦ୍ୟାବଧି ଲାଇସେନ୍ସ ପ୍ରଦାନ କରାଯାଇନାହିଁ। ବିବାଦ ବଢ଼ିଲେ ବାଣ ବିକ୍ରି କରିବା ଉପରେ ରୋକ୍ ଲଗାଯିବାକୁ ପଦକ୍ଷେପ ନିଆଯିବ।

